# Akashvani, Sambalpur

## SAMBALPURI NEWS EVENING BULLETIN

**22 May 2025- 7.02 pm- 7.12 pm.**

*******************************************

୧- ଦେଶର୍ ୮୬ ଟା ଜିଲ୍ଲା ନ ଶହେ ୩ ଟା ଅମୃତ୍ ଷ୍ଟେସନ୍‌କେ ଉଦ୍‌ଘାଟନ୍ କଲେ ପ୍ରଧାନ୍‌ମନ୍ତ୍ରୀ ।

- କହେଲେ ୧ ହଜାର୍ ୩ ଶହ ଷ୍ଟେସନ୍‌କେ କରାଯିବା ଅମୃତ୍ ଷ୍ଟେସନ୍ ।

୨- ଯାଜ୍‌ପୁର୍‌ର କଳିଙ୍ଗ ନଗର୍ ଠାନେ ୧ ଲାଖ୍ ୧୫ ହଜାର୍ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କଲେ ମୁଖ୍ୟମନ୍ତ୍ରୀ ।

୩- ଜୁନ୍ ୧ ତାରିଖ୍‌ନୁ କେନ୍‌ସି ସମିଆଥି ଛଡ଼ାଯାଇପାରେ ହୀରାକୁଦ୍ ଜଳ୍‌ଭଣ୍ଡାର୍‌ର ବଏଢ଼୍ ପାଏନ୍ - ସୂଚ୍‌ନା ଦେଲେ ଡେମ୍ କର୍ତ୍ତୃପକ୍ଷ ।

ଆଉର୍

୪- ରାଜ୍ୟର୍ ୨୬ ଟା ଜିଲ୍ଲା ନ କାଲ୍‌ବୈଶାଖୀ ବର୍ଷା ନେଇକରି ସତର୍କ ସୂଚ୍‌ନା ଜାରି କଲା ପାଣିପାଗ୍ କେନ୍ଦ୍ର ।

ଅମୃତ୍ ଭାରତ୍ ରେଲ୍ଷ୍ଟେସନ୍        ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଆଭାସୀ ଜରିଏ ଦେଶର୍ ୧୮ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ର ୮୬ ଟା ଜାଗା ନ ଶହେ ୩ ଟା ପୁନର୍ବିକଶିତ୍ ଅମୃତ୍ ଭାରତ୍ ରେଲ୍ଷ୍ଟେସନ୍ର ଉଦ୍ଘାଟନ୍ କରିଛନ୍ । ରାଜସ୍ଥାନ୍ର ବିକାନେର୍ର ଦେଶ୍ନୋକ୍ ଠାନୁ ଅମୃତ୍ ଷ୍ଟେସନ୍ ମାନ୍କର୍ ଉଦ୍ଘାଟନ୍ କରିକରି ପ୍ରଧାନ୍ମନ୍ତ୍ରୀ କହିଛନ୍, ଗଲା ୧୧ ବଛର୍ ଭିତ୍ରେ ରେଲ୍ବାଇର୍ ବିକାଶ୍ ଲାଗି ବହୁତ୍ଟେ ପଦକ୍ଷେପ୍ ନିଆଯାଇଛେ । ଅମୃତ୍ ଭାରତ୍, ନମୋ ଭାରତ୍ ଆର୍ ବନ୍ଦେ ଭାରତ୍ ବାଗିର୍ ଟ୍ରେନ୍ ମାନେ ଦେଶର୍ ପ୍ରଗତିର୍ ପ୍ରମାଣ୍ ସାଜିଛନ୍ । ବୁଲେଟ୍ ଟ୍ରେନ୍ ପ୍ରକଳ୍ପ କାମ୍ ଭିଲ୍ ଜୋର୍ସୋର୍ଥି ଚାଲିଛେ । ଦେଶର୍ ୧ ହଜାର୍ ୩ ଶହ ଟା ଷ୍ଟେସନ୍କେ ଅମୃତ୍ ଭାରତ୍ ଯୋଜ୍ନାଥି ରୂପାନ୍ତରିତ୍ କର୍ବାର୍ ଲାଗି ସର୍କାର୍ ପଦକ୍ଷେପ୍ ନେଉଛନ୍ ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍ମନ୍ତ୍ରୀ)

ଇ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ଅପରେସନ୍ ସିନ୍ଦୁର୍ ଜରିଏ ଭାରତ୍ ଆତଙ୍କବାଦୀ ଶିବିର୍ମାନ୍କୁ ନଷ୍ଟ କରିକରି ପାକିସ୍ତାନ୍କେ ଉଚିତ୍ ଜବାବ୍ ଦେଇଛେ ବଲି କହିଛନ୍ ।

କାର୍ଯ୍ୟକ୍ରମରୁ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ଗଲା ୧୧ ବଛର୍ ଭିତ୍‌ରେ ଦେଶେ ୩୪ ହଜାର୍ ନୂଆଁ ରେଲ୍‌ଲାଇନ୍ ତିଆର୍ କରାଯାଇଛେ । ୨୦୨୭ ମସିହାତକ୍ ୫ ଶହ ରେଲ୍‌ଷ୍ଟେସନ୍‌କେ ପୁନର୍ବିକଶିତ୍ କରାଯିବା ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ଇ ଶହେ ୩ ଟା ଅମୃତ୍ ଷ୍ଟେସନ୍‌ର ବିକାଶ୍ ଲାଗି ୧୧ ଶହ କୋଟି ଟଙ୍କା ଖର୍ଚ୍ଚା କରାଯାଇଛେ । ଯାତ୍ରୀମାନ୍‌କୁ ସୁଖଦ୍ ଯାତ୍ରାର୍ ଅନୁଭୂତି ଦେବାର୍ ଲାଗି ଅମୃତ୍ ଷ୍ଟେସନ୍ ମାନ୍‌କେ ଖାସ୍ ସୁବିଧା କରାଯାଇଛେ ।

ମୁଖ୍ୟମନ୍ତ୍ରୀ- ଯାଜ୍‌ପୁର୍ I&PR

ଶିଳ୍ପ କ୍ଷେତ୍ର ଦେଶ୍ ଆଉ ରାଜ୍ୟର୍ ଆର୍ଥିକ୍ ଥିତିକେ ବର୍‌କସ୍ କର୍‌ସି ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଯାଜ୍‌ପୁର୍ ଜିଲ୍ଲାର୍ କଲିଙ୍ଗ ନଗର୍ ଠାନେ ୧ ଲାଖ୍ ୧୫ ହଜାର୍ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଆଝିର୍ ଇ ପ୍ରକଳ୍ପ ମାନେ କାର୍ଯ୍ୟକାରୀ ହେଲେ ୩୬ ହଜାର୍‌ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ତିଆର୍ ହେଇପାର୍‌ବା । ଶିଳ୍ପ କ୍ଷେତ୍ର ରୋଜ୍‌ଗାର୍

ଦେବାର୍ ସହେତେ ଗାଁ ଆଉ ସହର୍ ଭିତ୍‌ରେ ଥିବା ଫରକ୍‌କେ ଦୂର୍ କର୍‌ସି ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରାଏଜେ ଅଏତ୍‌କା ପୁଞ୍ଜିନିବେଶ୍ ସଙ୍ଗେ ଶିଳ୍ପ ଭିତିଭୂମିର୍ ବିକାଶ୍‌କେ ନେଇକରି ଶିଳ୍ପପତିମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । କାର୍ଯ୍ୟକ୍ରମ୍‌ଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚରଣ୍ ସ୍ୱାଇଁ, ସମବାୟ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ, ସାଂସଦ୍ ରବି ନାରାୟଣ୍ ବେହେରା ଉପସ୍ଥିତ୍ ଥିଲେ ।

କର୍ପସ୍ ପାଣ୍ଠି ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ଆଏବା ଦିନେ ଅନୁସୂଚିତ ଜନଜାତି ଆଉ ଜାତି ବର୍ଗର୍ ଲୁକ୍‌କର୍ ଜମି ଘିନ୍‌ବେ । ଇଥିର୍‌ଲାଗି ସର୍‌କାର୍ ଗୁଟେ କର୍ପସ୍ ପାଣ୍ଠି ଗଠନ୍ କର୍‌ବାର୍‌କେ ଚିନ୍ତା କରୁଛନ୍ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧକ୍ଷତାଥି ଗୁଟେ କମିଟି ଗଠନ୍ କରାଯାଇଛେ । ଇଥି ତଫସିଲ୍‌ଭୁକ୍ତ ଜାତି ଆଉ ଉପଜାତି ବିଭାଗ୍‌ର ପ୍ରମୁଖ ସଚିବ, ନିର୍ଦ୍ଦେଶକ୍ ବିଶେଷଜ୍ଞ ଆଉ ବରିଷ୍ଠ ଅଧିକାରୀମାନେ ସଦସ୍ୟ

ରହେବେ । କର୍ପସ୍ ପାଣ୍ଠି ଗଠନ୍ କର୍‌ବାର୍‌କେ ଇ କମିଟି ଭିନ୍ ଭିନ୍ ରାଜନୈତିକ୍ ଦଲ୍, ସ୍ୱେଚ୍ଛାସେବୀ ସଂଗଠନ୍, ବିଭାଗୀୟ ଗୃହ କମିଟି, ବିଧାୟକ୍ ଆଉ ଅଂଶୀଦାର୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ରିପୋର୍ଟ ଦେବେ । ରିପୋର୍ଟ ଆଧାର୍‌ଥି ସର୍‌କାର୍ କର୍ପସ୍ ପାଣ୍ଠି ବାବ୍‌ଦେ ନିଷ୍ପତି ନେବେ ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ଓଏସ୍‌ଏସ୍‌ସି ଅଧ୍ୟକ୍ଷ I&PR

ଓଡ଼ିଶା କର୍ମଚାରୀ ଚୟନ ଆୟୋଗ୍- ଓଏସ୍‌ଏସ୍‌ସି ର ବରିଷ୍ଠ ସଦସ୍ୟ ଆଉ ଆଘର୍ ପ୍ରଶାସନିକ ଅଧିକାରୀ ସୁଧାକର ବୁର୍ଗୀଙ୍କୁ ଓଏସ୍‌ଏସ୍‌ସିର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ଓଏସ୍‌ଏସ୍‌ସି ଅଧ୍ୟକ୍ଷ ଅଭୟଙ୍କର୍ ଇସ୍ତଫା ଉତ୍‌ରୁ ଶ୍ରୀ ବୁର୍ଗୀଙ୍କୁ ଦାୟିତ୍ୱ ମିଲିଛେ । ଆଏବା ଆଦେଶ୍‌ତକ୍ ଶ୍ରୀ ବୁର୍ଗୀଙ୍କୁ ଓଏସ୍‌ଏସ୍‌ସି ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛେ ବଲି ସାଧାରଣ ପ୍ରଶାସନ୍ ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା କାଏଲ୍‌ତକ୍ ଦେଇପାର୍‌ବେ ।

ହୀରାକୁଦ ଜଲ୍‌ଭଣ୍ଡାର୍-ବଏଢ଼୍ ପାଏନ୍   ସମ୍ବଲପୁର ସମ୍ବାଦଦାତା

ହୀରାକୁଦ ଜଲ୍‌ଭଣ୍ଡାର୍‌ନୁ ଆଏବା ୧ ତାରିଖ୍‌ନୁ କେନ୍‌ସି ଭିଲ୍ ସମିଆଥି ବଏଢ଼୍ ପାଏନ୍ ଛଡ଼ାଯିବା ବଲି ଡେମ୍ କର୍ତ୍ତୃପକ୍ଷ ଆଏଜ୍ ସତର୍କ ସୂଚ୍‌ନା ଜାରି କରିଛନ୍ । କର୍ତ୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ, ମହାନଦୀ ତଲ୍ ଇଲାକାର ୧୫ଟା

ଜିଲ୍ଲାର୍ ଜିଲ୍ଲାପାଲମାନଙ୍କୁ ଇ ବାବ୍‌ଦେ ସୂଚ୍‌ନା ଦିଆଯାଇଛେ । ଜୁନ୍ ୧ ତାରିଖ୍‌ନୁ ଅକ୍ଟୋବର ୩୧ ତାରିଖ୍ ଭିତ୍‌ରେ କେନ୍‌ଭି ବି ସମିଆଥି ହୀରାକୁଦ୍ ଜଲ୍ ଭଣ୍ଡାର୍‌ର ଗେଟ୍ ଖୁଲାଯିବା । ଲୁକ୍‌କର ସୂଚ୍‌ନା ଲାଗି କର୍ତ୍ତୃପକ୍ଷ କଂଟ୍ରୋଲ୍ ରୁମ୍ ନମ୍ବର୍ ଜାରି କରିଛନ୍ । ଇ ସମିଆଥି ନଦୀକେ ନାଇଁ ଯିବାର୍ ଲାଗି ଲୁକ୍‌କୁ କୁହାଯାଇଛେ । ନିଜର୍ ନିଜର୍ ଇଲାକା ନ ଲୁକ୍‌କୁ ସତର୍କ କର୍‌ବାର୍‌କେ ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

କରୋନା-ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ୫ନେ ନୂଆ କରୋନା ରୋଗୀ ଠାବ୍ ହେଇଥିବା ଜନାପଡ଼ିଛେ । କୋଭିଡ୍‌ର ଇ ନୂଆ ଭୁତାଣୁ ଠାବ୍ ହେବା ଆଉ ରାଏଜେ କରୋନା ଥିତିକେ ନେଇକରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍-ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ରିପୋର୍ଟ ଦେଇଛନ୍ । କରୋନା ସଂକ୍ରମଣକେ ନେଇକରି ଲୁକେ ନାଇ ଡର୍‌ବାର୍‌କେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ପରାମର୍ଶ ଦେଇଛନ୍ । ସେ କହିଛନ୍, ଇ ନୂଆ ଭୁତାଣୁ ଚାପ୍‌ବାର କମ୍ ଆଶଙ୍କା ରହିଛେ । ରାଜ୍ୟର୍ ଆକ୍ରାନ୍ତଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛେ ଆଉ ତାଙ୍କୁ ସଙ୍ଗରୋଧିଥି ରଖାଯାଇଛେ । କରୋନାକେ ନେଇକରି ଏବ୍‌ତକ୍ କେନ୍ଦ୍ର

ସରକାରଙ୍କର୍ ତର୍‌ଫୁ କେନ୍‌ସି ମାର୍ଗଦର୍ଶିକା ନାଇ ଆସି । ତଥାପି ଥିତି ଉପ୍‌ରେ ନଜର୍ ରଖାଯାଇଛେ ବଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ କହିଛନ୍ ।

ସ୍ୱାସ୍ଥ୍ୟ ସଚିବ ଅଶ୍ୱତି ଏସ୍. ଭିଲ୍ କରୋନାକେ ନେଇକରି ନାଇଁ ଡର୍‌ବାର୍‌କେ ଲୁକ୍‌କୁ ପରାମର୍ଶ ଦେଇଛନ୍ । କେନ୍‌ସି ଭିଲ୍ ଥିତି ଲାଗି ରାଜ୍ୟ ସର୍‌କାର୍ ତୟାର୍ ଅଛନ୍ । ୨୦୨୦-୨୨ ଉତ୍‌ରୁ ରାଜ୍ୟର୍ କେତେଟା ଜାଗା ନ କାଁ ଭାଁ କରୋନା ଲକ୍ଷଣ୍ ଥିବା ରୋଗୀ ଦେଖାଯାଉଛନ୍ । ତାର୍ ଉପ୍‌ରେ କଡ଼ା ନଜର୍ ରଖାଯାଇଛେ । ଟୀକାକରଣ୍ ଆଉ ନିରନ୍ତର୍ ଚେରେଷ୍ଟା ଲାଗି ରାଏଜେ କୋଭିଡ୍ ଆଏତେ ରହିଛେ ବଲି ଶ୍ରୀମତୀ ଅଶ୍ୱତି କହିଛନ୍ ।

ଜୈବ ବିବିଧତା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରାକୃତିକ୍ ବିପର୍ଯ୍ୟୟ, ବଢ଼୍‌ତି ଶିଳ୍ପ, ସହରୀକରଣ୍, ଖଣି ଖନନ, ନିଆଁ ଲାଗ୍‌ବାର୍‌ନୁ ଜଙ୍ଗଲ୍‌ର ବିନାଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍‌ର କୁ ପରିଣାମ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ଜୈବ ବିବିଧତା ଦିବସ୍ ପାଲନ୍ କରାଯାଉଛେ । ମିଳିତ ଜାତିସଂଘ ତର୍‌ଫୁ ୨୦୦୬ ମସିହାନୁ ଆଝିରର୍ ଦିନ୍‌କେ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ଜୈବ ବିବିଧତା ଦିବସ୍‌ର ବାର୍ତା

ରହିଛେ 'ନିରନ୍ତର୍ ବିକାଶ୍ ଲକ୍ଷ୍ୟ ଲାଗି ପ୍ରକୃତିର୍ ସଙ୍ଗେ ତାଲ୍‌ମେଲ୍ ରଖ୍‌ବାର୍' ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ସମୃଦ୍ଧ ଐତିହ୍ୟ ଆଉ ପ୍ରାକୃତିକ୍ ସମ୍ପଦ୍‌ର ସୁରକ୍ଷା କର୍‌ବାର୍‌କେ ଲୁକ୍‌କୁ ଆହ୍ୱାନ୍ ଦେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି ମୁଖ୍ୟମନ୍ତ୍ରୀ ଭିତର୍‌କନିକା ହେନ୍ତାଳ ବଣ ନୁ ନେଇକରି ଚିଲିକାର୍ ପାଏନ୍‌ତକ୍ ରାଜ୍ୟର୍ ଜୈବ ବିବିଧତାକେ ସୁରକ୍ଷା ଦେବାର୍ ଲାଗି ସଂକଳ୍ପ ନେବାର୍‌କେ ପରାମର୍ଶ ଦେଇଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ -ବଲାଙ୍ଗିର୍ ବଲାଙ୍ଗିର୍ ସମ୍ବାଦଦାତା

ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଆଏଜ୍ ବଲାଙ୍ଗିର୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ସମିତି ବୈଠକ୍‌ଥି ଯୋଗ୍ ଦେଇକରି ଉନ୍ନୟନ୍ କାମ୍ ମାନ୍‌କର୍ ସମୀକ୍ଷା କରିଛନ୍ । ଗାଁ ଇଲାକା ନ ପିଇବାର୍ ପାଏନ୍ ବ୍ୟବସ୍ଥା, ରାସ୍ତାଘାଟ୍ ସ୍ୱାସ୍ଥ୍ୟ ଆଉ ଜଲ୍‌ସେଚନ୍ ବ୍ୟବସ୍ଥା ଉପ୍‌ରେ ସମୀକ୍ଷା କର୍‌ବାର୍ ସହେତେ ଧିମେଇ ଯାଇଥିବା ପ୍ରକଳ୍ପ ମାନ୍‌କର୍ ତୁର୍‌ତି କାମ୍ ସାର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀମାନେ

ଉପସ୍ଥିତ୍ ରହିକରି ନିଜର୍ ନିଜର୍ ବିଭାଗ୍‌ର କାମ୍ ମାନ୍‌କର୍ ଅଗ୍ରଗତି ବାବ୍‌ଦେ ମନ୍ତ୍ରୀଙ୍କୁ ଜନେଇଥିଲେ ।

ଖାଦ୍ୟଯୋଗାଣ ମନ୍ତ୍ରୀ- କଲାହାଣ୍ଡି          କଲାହାଣ୍ଡି ସମ୍ବାଦଦାତା

ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଏଜ୍ କଲାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନା ଠାନେ ନୂଆଁ ହିତାଧିକାରୀମାନ୍‌କୁ ରାସନ୍‌କାର୍ଡ଼୍ ବାଂଟିଛନ୍ । ଇ ଅବ୍‌ସରେ ଜିଲ୍ଲାର୍ ୬୮ ଝନ୍‌କୁ ମନ୍ତ୍ରୀ ରାସନ୍‌କାର୍ଡ଼୍ ବାଂଟ୍‌ବାର୍ ସହେତେ ଆଏବା ଦିନେ ସବୁ ଯୋଗ୍ୟ ହିତାଧିକାରୀମାନ୍‌କୁ କାର୍ଡ଼୍ ବଂଟାଯିବା ବଲି କହିଛନ୍ । ଇହାଦେ ୬ ଲାଖ୍ ରାସନ୍‌କାର୍ଡ଼୍ ବଂଟାଯାଉଛେ ଆଉ ଆଗ୍‌କେ ୨୦ ଲାଖ୍‌ନୁ ଅଏତ୍‌କା ରାସନ୍‌କାର୍ଡ଼୍ ବଂଟାଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଦେବ୍‌ଗଡ଼୍- ଡଙ୍ଗାବୁଡ଼ି          ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ବ୍ରାହ୍ମଣୀ ନଦୀ ରେଙ୍ଗାଲି ଜଲ୍ ଭଣ୍ଡାର୍ ନ ଡଙ୍ଗା ବୁଡ଼ିକରି ମା ସହେତେ ୨ ଟା ଛୁଆଙ୍କର୍ ଜୀବନ୍ ଯାଇଛେ । ମୃତକମାନେ ଜିଲ୍ଲାର୍ ପୋଡ଼ାଡିହି ଗାଁର୍ ବଲି ଜନାପଡ଼ିଛେ । ଡଙ୍ଗାବୁଡ଼ି ଖବର୍ ପାଇକରି ପ୍ରଶାସନ୍ ଆଉ ଅଗ୍ନିଶମ

କର୍ମଚାରୀମାନେ ଘଟ୍ନାଜାଗାକେ ପୁହୁଁଚିକରି ମଲାଦିହି ଉଦ୍ଧାର୍ କରିଛନ୍ । ଜିଲ୍ଲା ରେଡ଼କ୍ରସ୍ ସୋସାଇଟି ତରଫ୍ରୁ ମୃତକ୍ମାନ୍କର୍ ପରିପାର୍ ଲୁକ୍କୁ ସାହାଜ୍ ଦିଆଯିବାର୍ ସହେତେ ଏସ୍ ଡି ଆର୍ ଏଫ୍ ତରଫ୍ରୁ ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପା ଦିଆଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ୨/୩ ଦିନ୍ ଭିତ୍ରେ କେରଳ ପୁହୁଁଚିପାରେ । ଇତାର୍ ପ୍ରଭାବ୍ଥି ମହାରାଷ୍ଟ୍ର, କୋଙ୍କଣ୍, ଗୋଆ ଆର୍ ଗୁଜୁରାତ୍ ନ ଜବର୍ ବର୍ଷା ହେଇପାରେ । ଉତର୍ପୂର୍ବାଂଚଲ୍ ଇଲାକା ନ ଆଏବା ରଏବାର୍ ଦିନୁ ଜବର୍ ବର୍ଷା ହେଇପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।

ସେଆଡ଼େ ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ଉତର୍ ଆଉ ଦକ୍ଷିଣ ଓଡ଼ିଶାର୍ କେତେଟା ଜାଗା ନ ଘଡ଼୍ଘଡ଼ି ସହେତେ ହାଲ୍କା ବର୍ଷା ହେଇପାରେ । ସୁବର୍ଣ୍ଣପୁର୍, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର୍, କଲାହାଣ୍ଡି, ସୁନ୍ଦର୍ଗଡ଼୍ ସହେତେ ୨୬ ଟା ଜିଲ୍ଲା ନ ଧୁକାଗର୍ଡ଼ି ଆର୍ ବର୍ଷା

ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍ନା ଜାରି କରିଛେ ।